## ଗଞ୍ଜେଇ ଜବତ: ୨ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,(ବ୍ୟୁରୋ): ଚୋରା ଗଞ୍ଜେଇ ଚାଲାଣରେ ସମ୍ପୃକ୍ତ ୨ ଜଣଙ୍କୁ ଖଣ୍ଡଗିରି ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ମୟୂରଭଞ୍ଜ ଜିଲା କପ୍ତିପଦା ଥାନା ଅଞ୍ଚଳର ଜିତେନ୍ଦ୍ର ନାୟକ ଓ ବାଲେଶ୍ୱର ଜିଲା ନୀଳଗିରି ଥାନା ଅଞ୍ଚଳର ସତ୍ୟନାରାୟଣ ସ୍ୱାଇଁ। ସେମାନଙ୍କ ନିକଟରୁ ସାଢେ ୪ କେଜି ଓଜନର ଗଞ୍ଜେଇ, ୨ଟି ମୋବାଇଲ ଫୋନ୍, ୬ ହଜାର ଟଙ୍କା ଓ ଅନ୍ୟାନ୍ୟ ସାମଗ୍ରୀ ଜବତ ହୋଇଛି। ଗୁରୁବାର ବରମୁଣ୍ଡା ସ୍ଥିତ ମଦ ଦୋକାନ ନିକଟରେ ସନ୍ଦେହ ଜନକ ଅବସ୍ଥାରେ ଜିତେନ୍ଦ୍ର ଓ ସତ୍ୟନାରାୟଣ ବୁଲୁଥିବାବେଳେ ପୋଲିସ ଟିମ୍ ଚଢ଼ାଉ କରି ସେମାନଙ୍କୁ ଗିରଫ କରିଥିଲା।

# ସଂକ୍ଷେପରେ

## ୧୫ ଫୁଟର ଅହିରାଜ ଉଦ୍ଧାର

ଚୌଦ୍ୱାର,୧୨।୧୧(ଡି.ଏନ୍.ଏ.): ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ମଙ୍ଗରାଜପୁର ପଞ୍ଚାୟତ ଅଧୀନ ବେରେଣା ଗ୍ରାମ ନିକଟ ପଥର ଛଇରୁ ପ୍ରାୟ ୧୫ ଫୁଟ ଲମ୍ବର ଅହିରାଜ ସାପ ଉଦ୍ଧାର କରାଯାଇଛି। ପାଣି ଭର୍ତ୍ତି ପଥର ଛଇରୁ ସାପଟି ବାହାରିବାକୁ ଉଦ୍ୟମ କରୁଥିବାବେଳେ କେତେଜଣ ଯୁବକ ଉଦ୍ଧାର କରିବା ପରେ ସ୍ଥାନୀୟ ଜଙ୍ଗଲରେ ଛାଡି ଦେଇଥିଲେ।

## ୨୬ ଧର୍ମଘଟରେ ଭାରତୀୟ ଡାକ କର୍ମଚାରୀ ସଂଘ ସାମିଲ

ଭୁବନେଶ୍ୱର,୧୨।୧୧(ବ୍ୟୁରୋ): ଆସନ୍ତା ୨୬ ତାରିଖରେ ହେବାକୁ ଥିବା ଦିନିକିଆ ଧର୍ମଘଟରେ ଭାରତୀୟ ଡାକ କର୍ମଚାରୀ ସଂଘ ସାମିଲ ହେବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ସଂଘର ଅଧକ୍ଷ ସାଥୀ ବୃହସ୍ପତି ସାମଲଙ୍କ ତତ୍ତ୍ୱାବଧାନରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡ଼ିଶା ଡାକ ପରିମଣ୍ଡଳର ୨୦ଟାକ ମଣ୍ଡଳ ସଦସ୍ୟ ସାମିଲ ଥିଲେ। ଏହି ଅବସରରେ କର୍ମଚାରୀଙ୍କ ବହୁ ସମସ୍ୟା ଉପରେ ସଂଘ ପକ୍ଷରୁ ଗୁରୁତ୍ୱାରୋପ କରାଯାଇଛି। ଧର୍ମଘଟ ପରେ ଯଦି କେନ୍ଦ୍ର ସରକାର ଦାବି ପ୍ରତି ଗୁରୁତ୍ୱ ନ ଦିଅନ୍ତି ତେବେ ଆସନ୍ତା ଦିନରେ ବିଭିନ୍ନ କେନ୍ଦ୍ରୀୟ ଟ୍ରେଡ୍ ୟୁନିଅନ୍ ସମେତ ବହୁ ସ୍ୱାଧୀନ କର୍ମଚାରୀ ଫେଡେରେଶନ ଓ ଆସୋସିଏଶନ୍ ସାମିଲ ହେବେ।

## ଟ୍ରାକ୍ଟର ଜବତ, ଜଣେ ଗିରଫ

ଡେଲାଙ୍ଗ,୧୨।୧୧(ଡି.ଏନ୍.ଏ.): ବେଆଇନ ବାଲି ଚାଲାଣ ଘଟଣାରେ ଡେଲାଙ୍ଗ ପୋଲିସ ଗୁରୁବାର ଏକ ବାଲି ବୋଝେଇ ଟ୍ରାକ୍ଟର ଜବତ କରିବା ସହ ଡ୍ରାଇଭରଙ୍କୁ ଗିରଫ କରିଛି। ସେ ହେଲେ ତରବୋଇ ଗ୍ରାମର ସହଦେବ ବେହେରା। ଉକ୍ତ ଟ୍ରାକ୍ଟରର କାଗଜପତ୍ର ଠିକ୍ ନ ଥିଲା। ଏ ନେଇ ଥାନାରେ ମାମଲା (ନଂ.୧୮୯/୨୦)ରୁଜୁ ହୋଇଛି।

## କରୋନା ସଚେତନତା

ଟାଙ୍ଗୀ(ଖୋର୍ଦ୍ଧା),୧୧।୧୧: ଔଷଧ ପ୍ରମାଣନ ୟୁନିଟ ଭୁବନେଶ୍ୱର ଆନୁକୂଲ୍ୟରେ ବୁଧବାର ଟାଙ୍ଗୀ ବ୍ଲକ ବାଲିପାଟପୁର ଗ୍ରାମ ଚନ୍ଦନ ସାହିଠାରେ କରୋନା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସଚେତନତା ପତ୍ରିକା ବଣ୍ଟନ କରାଯାଇଥିଲା। ହୋମିଓପାଥି ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯିବା ସହ ମାଗଣାରେ ଔଷଧ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ବାଲିପାଟପୁର ସରପଞ୍ଚ ସୁରେନ୍ଦ୍ର ନାଥ ବେହେରା, ସ୍ୱେଚ୍ଛାସେବୀ ବିରଞ୍ଚି ନାରାୟଣ ପ୍ରଧାନ ଏବଂ ଔଷଧ ପ୍ରମାଣନ ୟୁନିଟର ଡାକ୍ତର, କର୍ମଚାରୀମାନେ ଉପସ୍ଥିତ ଥିଲେ।

## ପୂର୍ବତନ ଚେୟାରମ୍ୟାନ ପୂର୍ଣ୍ଣଚନ୍ଦ୍ର ମିଶ୍ରଙ୍କ ପରଲୋକ

ପିପିଲି,୧୨।୧୧(ସ୍ୱ.ପ୍ର.): ପିପିଲି ବ୍ଲକର ପୂର୍ବତନ ଚେୟାରମ୍ୟାନ ପୂର୍ଣ୍ଣଚନ୍ଦ୍ର ମିଶ୍ରଙ୍କ ବୁଧବାର ରାତିରେ ପରଲୋକ ଘଟିଛି। ତାଙ୍କୁ ୮୬ବର୍ଷ ହୋଇଥିଲା। ସେ ଦୀର୍ଘଦିନ ଧରି ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିବା ବେଳେ ଝିଅ ସ୍ନେହଲତା ମିଶ୍ରଙ୍କ ଘରେ ରହି ଚିକିତ୍ସିତ ହେଉଥିଲେ। ବୁଧବାର ରାତିରେ ତାଙ୍କର ମୃତ୍ୟୁ ହେବା ପରେ ମରଶରୀରକୁ ଜନ୍ମସ୍ଥାନ ଦାଣ୍ଡମୁକୁନ୍ଦପୁରସ୍ଥିତ ବାସଭବନକୁ ନିଆଯାଇଥିଲା। ଖବରପାଇ ପୁରୀ ଜିଲା ଭାଜପା ସଭାପତି ଆଶ୍ରିତ ପଟ୍ଟନାୟକ, ସାମାଜିକ କର୍ମୀ ଅନୁପ ପରିଡାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ତାଙ୍କ ଝିଅ ସ୍ନେହଲତା ମୁଖାଗ୍ନି ଦେଇଥିଲେ।

## ଦାଦାବଟି ମାଗି ଜଣେ ଗିରଫ

ଡେଲାଙ୍ଗ,୧୨।୧୧(ଡି.ଏନ୍.ଏ.): ଦାଦାବଟି ମାଗିବା ଅଭିଯାଗରେ ଡେଲାଙ୍ଗ ପୋଲିସ ଗୁରୁବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ କୁଆପଦା ଗ୍ରାମର ଓକିଲ ଜେନା। ସୂଚନା ଅନୁଯାୟୀ, ଘୋରଡ଼ିଆ ବଜାରରେ ଅଭିଯୁକ୍ତ ଓକିଲ ଭୁଜାଲି ଧରି ଦୋକାନୀ ଓ ଜନସାଧାରଣଙ୍କୁ ବଟି ମାଗିବା ସହ ଧମକ ଦେଉଥିଲେ। ଖବରପାଇ ପୋଲିସ ଓକିଲଙ୍କୁ ଧରିଥିଲା। ଏନେଇ ଥାନାରେ ଏକ ମାମଲା (ନଂ.୧୯୭/୨୦)ରୁଜୁ ହୋଇଛି। ଅଭିଯୁକ୍ତ ଓକିଲଙ୍କ ନାମରେ ପୂର୍ବରୁ ୭ଟି ମାମଲା ରହିଛି ବୋଲି ପୋଲିସ ସୂତ୍ରରୁ ଜଣାପଡ଼ିଛି।

# କୋଭିଡ୍ କେୟାର କେନ୍ଦ୍ର ସଂଖ୍ୟା କମିବ

### କଟକ ଜିଲା କୋଭିଡ୍ ପରିଚାଳନା ସମୀକ୍ଷା ବୈଠକ

■ସୁସ୍ଥ ହାର ୯୫.୬୯%, ମୃତ୍ୟୁ ହାର ୦.୪୪%

କଟକ ଅଫିସ,୧୨।୧୧


ସମୀକ୍ଷା ବୈଠକରେ ଉପସ୍ଥିତ ଜିଲା ପ୍ରଶାସନିକ ଓ ପୋଲିସ ଅଧିକାରୀ।

ଶୀତ ବଢିଲେ ସାରୀ(ସିଭିୟର ଆକ୍ୟୁଟ ରେସ୍‌ପିରୋଟାରି ଇନ୍‌ଫେକସନ) ଓ ଆଇଏଲଆଇ(ଇନ୍‌ଫ୍ଲୁଏଞ୍ଜା ଲାଇକ୍ ଇଲ୍‌ନେସ) ଅଧିକ ଲୋକଙ୍କଠାରେ ଦେଖାଯିବା ସହ ଆକ୍ରାନ୍ତଙ୍କ ସଂଖ୍ୟା ବଢିବା ଅଧିକ ଆଶଙ୍କା ଅଛି । ତେଣୁ ଜିଲାରେ ଅଧିକ ଟେଷ୍ଟିଂ ଓ ଆକ୍ଟିଭ ସର୍ଭେଲାନ୍‌ସ କରାଯିବ ବୋଲି ଜିଲାପାଳ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଗୁରୁବାର ଜିଲା କୋଭିଡ୍ ପରିଚାଳନା ସମୀକ୍ଷା ବୈଠକରେ ଜିଲାପାଳ ଭବାନୀ ଶଙ୍କର ଚୟନୀ କହିଛନ୍ତି। କୋଭିଡ୍ ମୁକାବିଲା ପାଇଁ ସତର୍କତା ଅବଲମ୍ବନ କରିବା ସହିତ ଦୀପାବଳିରେ ବାଣ ଫୁଟା ଓ ବିକ୍ରି ଉପରେ ରୋକ୍ ଲଗାଇବାକୁ ଗୁରୁତ୍ୱ ଦିଆଯିବ। ଜିଲାରେ ସୁସ୍ଥ ହାର ୯୫.୬୯ ପ୍ରତିଶତ ଏବଂ ମୃତ୍ୟୁ ହାର ୦.୪୪ ପ୍ରତିଶତ ରହିଛି। ତେଣୁ ଏହି ସଫଳତା ହାର ଯେପରି ପ୍ରଭାବିତ ନ ହୁଏ ସେଥିପାଇଁ ଜିଲା ପ୍ରଶାସନ ସବୁ ପ୍ରକାର ଚେଷ୍ଟା କରିବ। ବର୍ତ୍ତମାନ ଜିଲାରେ କୋଭିଡ୍ କେୟାର କେନ୍ଦ୍ରଗୁଡ଼ିକର ଆବଶ୍ୟକତା ସେତେ ମାତ୍ରାରେ ନ ଥିବାରୁ ସେ ସବୁକୁ ବନ୍ଦ କରାଯିବ। ନିକଟରେ ଏସ୍‌ସିବି ମେଡିକାଲରେ ହୋଇଥିବା କୋଭିଡ୍ ହସ୍ପିଟାଲରେ ଉଭୟ ସନ୍ଦିଗ୍ଧ ଓ ଆକ୍ରାନ୍ତଙ୍କ ଚିକିତ୍ସା ନିମନ୍ତେ ପର୍ଯ୍ୟାପ୍ତ ବ୍ୟବସ୍ଥା କରାଯାଇଛି ବୋଲି ଜିଲାପାଳ କହିଥିଲେ।

ଗତ ବୁଧବାର ପର୍ଯ୍ୟନ୍ତ ସମଗ୍ର ଜିଲାରେ ୧,୭୧,୨୦୭ ଆର୍‌ଟିପିସିଆର ଓ ୧,୪୧,୦୯୬ ଆଣ୍ଟିଜେନ ଟେଷ୍ଟ କରାଯାଇଛି। ସମୁଦାୟ ୩୧୨୩୦୯ ନମୁନା ମଧ୍ୟରୁ ୨୭୦୭୩ ଜଣ କରୋନା ପଜିଟିଭ ଚିହ୍ନଟ ହୋଇ ୨୫୯୦୬ ଜଣ ସୁସ୍ଥ ହୋଇଛନ୍ତି। ବର୍ତ୍ତମାନ ୯୩୫ ଜଣ ରୋଗୀ ଚିକିତ୍ସିତ ହେଉଛନ୍ତି। ଏହି ବୈଠକରେ ସିଏମ୍‌ସି କମିଶନର ଅନନ୍ୟା ଦାସ, ପୋଲିସ କମିଶନର ସୁଧାଂଶୁ ଷଡଙ୍ଗୀ, ଡିସିପି ପ୍ରତୀକ ସିଂ, ଗ୍ରାମାଞ୍ଚଳ ଆରକ୍ଷୀ ଅଧୀକ୍ଷକ ବି. ଯୁଗଳ କିଶୋରଙ୍କ ସମେତ ଅତିରିକ୍ତ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ସ୍ଥାୟୀ ଡାକ୍ତର ନିଯୁକ୍ତି ଦାବିରେ ଗଣଧାରଣା



ନରସିଂହପୁର,୧୨।୧୧

### ଯୋଡୁମ୍ବୁ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ

ନରସିଂହପୁର ବ୍ଲକ ଅନ୍ତର୍ଗତ ଯୋଡୁମ୍ବୁସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘବର୍ଷ ହେବ ସ୍ଥାୟୀ ଡାକ୍ତର ଓ ଆବଶ୍ୟକ କର୍ମଚାରୀ ନାହାନ୍ତି। ଏଥିସହ ସ୍ୱାସ୍ଥ୍ୟକେନ୍ଦ୍ରରେ ଆନୁଷଙ୍ଗିକ ଭିତ୍ତିଭୂମି ନାହିଁ। ଫଳରେ ଏଠାରେ ରୋଗୀସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏନେଇ ରେଗେଡା ପଞ୍ଚାୟତର ସରପଞ୍ଚ ସନ୍ତୋଷ କୁମାର ବେହେରାଙ୍କ ନେତୃତ୍ୱରେ ଗୁରୁବାର ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଗଣଧାରଣା ଦିଆଯାଇଥିଲା। ସେମାନଙ୍କ ଅଭିଯୋଗ ଅନୁଯାୟୀ, ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ୬ ପଞ୍ଚାୟତର ବାସିନ୍ଦା ନିର୍ଭରଶୀଳ। ମାତ୍ର ସ୍ୱାସ୍ଥ୍ୟକେନ୍ଦ୍ରରେ ଅସ୍ଥାୟୀ ଭାବେ କେବଳ ଜଣେ ଦନ୍ତବିଭାଗ ଡାକ୍ତରଙ୍କୁ ନିଯୁକ୍ତି ଦିଆଯାଇଛି। ଅନ୍ୟ ବିଭାଗରେ ଡାକ୍ତର ନଥିବାରୁ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ରୋଗୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ଏସବୁ ସମସ୍ୟାର ସମାଧାନ କରିବାକୁ ଦାବି ହୋଇଛି। ଏହି ଧାରଣାରେ ଭାଜପା ନେତା ବିଜୟ କୁମାର ଦଳବେହେରା, ୧୬ନଂ ଜିଲା ପରିଷଦ ସଭ୍ୟା ଜାହ୍ନବୀ ପାର୍ଥିବ, ବିଜୟ କୁମାର ସୁବୁଦ୍ଧି, ମୋହନ ପ୍ରଧାନ ଓ ରାଜୀବ ଲୋଚନ ଦାସଙ୍କ ସମେତ ବିଭିନ୍ନ ପଞ୍ଚାୟତର ଲୋକପ୍ରତିନିଧି ଓ ଜନସାଧାରଣ ସାମିଲ ହୋଇଥିଲେ।

# ଅଭିଯୁକ୍ତ ଡାକ୍ତରୀ ପୁଅଙ୍କ ଜାମିନ ଆବେଦନ ଖାରଜ

ଭୁବନେଶ୍ୱର,୧୨।୧୧(ବ୍ୟୁରୋ)

### ଅବସରପ୍ରାପ୍ତ ଅତିରିକ୍ତ କୃଷି ନିର୍ଦ୍ଦେଶକଙ୍କୁ ହତ୍ୟା ଘଟଣା

ଖଣ୍ଡଗିରି ଥାନା ଅନ୍ତର୍ଗତ ଜଗମୋହନ ନଗରରେ ରହୁଥିବା ଅବସରପ୍ରାପ୍ତ ଅତିରିକ୍ତ କୃଷି ନିର୍ଦ୍ଦେଶକ ରାଜକିଶୋର ମିଶ୍ରଙ୍କୁ ହତ୍ୟା ମାମଲାରେ ଅଭିଯୁକ୍ତ ଡାକ୍ତରୀ ପୁଅ ରଞ୍ଜନ ମିଶ୍ରଙ୍କ ଜାମିନ ଆବେଦନ ଖାରଜ ହୋଇଯାଇଛି। ଅତିରିକ୍ତ ଜିଲା ଓ ଦୌରା ଜଜ୍ ସତ୍ୟନାରାୟଣ ପ୍ରଧାନ ତାଙ୍କ ଜାମିନ ଆବେଦନକୁ ଅଗ୍ରାହ୍ୟ କରିବା ସହ ବିଚାର ବିଭାଗୀୟ ହାଜତରେ ରହିବା ପାଇଁ ଆଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ଅତିରିକ୍ତ ପିପି ସୁରେଶ କୁମାର ବାରିକ ମାମଲା ପରିଚାଳନା କରୁଥିଲେ। ରଞ୍ଜନ ଖୋର୍ଦ୍ଧା ଜିଲା ବାଣପୁରରେ ଆୟୁଷ ଡାକ୍ତର ଭାବେ କାର୍ଯ୍ୟ କରିବା ସହ ଜଗମୋହନ ନଗରରେ ରହୁଥିଲେ। ଜୁଲାଇ ୧୦ରେ ସେ ଚାକିରି ଛାଡ଼ି ଘରେ ରହୁଥିଲେ। କୌଣସି କାରଣକୁ ନେଇ ରଞ୍ଜନ ଓ ତାଙ୍କ ବାପା ରାଜକିଶୋରଙ୍କ ସହ ଅଶାନ୍ତି ଲାଗି ରହିଥିଲା। ସେହିମାସ ୧୭ ତାରିଖରେ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ଆରମ୍ଭ ହୋଇ ପରେ ଉଗ୍ରରୂପ ନେଇଥିଲା। ରଞ୍ଜନ ଉତ୍‌କ୍ଷିପ୍ତ ହୋଇ ବାପା ରାଜକିଶୋରଙ୍କୁ ଆକ୍ରମଣ କରିଥିଲା। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଉକ୍ତଦିନ ଖଣ୍ଡଗିରି ପୋଲିସ ରଞ୍ଜନଙ୍କୁ ଗିରଫ କରିଥିଲା।


ସାହିତ୍ୟ ପତ୍ରିକା 'ଓଡ଼ିଆପର୍ବ'ର କାଳୀପୂଜା ବିଶେଷାଙ୍କକୁ ରାଜ୍ୟ ଜଳ ସମ୍ପଦ, ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ଗୁରୁବାର ତାଙ୍କ ଭୁବନେଶ୍ୱରସ୍ଥିତ କାର୍ଯ୍ୟାଳୟରେ ଉନ୍ମୋଚନ କରୁଛନ୍ତି।

# ଇମ୍ୟୁନାଇଜେଶନ ପ୍ରୋଗ୍ରାମରେ କୋଭିଡ୍ ଭାକ୍ସିନ ସାମିଲ ହେଉ

ଭୁବନେଶ୍ୱର,୧୨।୧୧(ବ୍ୟୁରୋ)

### ସାବଧାନ, ପାଖରେ ବୁଲୁଛି ଭାଇରସ୍

ରାଜ୍ୟରେ କ୍ରମାଗତଭାବେ କୋଭିଡ୍ ସଂକ୍ରମଣ ହ୍ରାସ ପାଉଥିଲେ ମଧ୍ୟ ଭୂତାଣୁ ଏବେ ବି ପାଖରେ ବୁଲୁଛି। ସାମାନ୍ୟ ଢିଲା କଲେ ୟୁରୋପ ଓ ଦିଲ୍ଲୀ ଭଳି ଓଡ଼ିଶାର ସ୍ଥିତି ହେବ। ଦ୍ୱିତୀୟ ୱେଭ୍ ଆରମ୍ଭ ହେଲେ ଏହାକୁ ସମ୍ଭାଳିବା ମୁସ୍କିଲ ହୋଇପଡ଼ିବ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି। କେୟାର ହସ୍ପିଟାଲର କ୍ରିଟିକାଲ କେୟାର ଓ ଇଣ୍ଟରନାଲ ମେଡିସିନ୍ କନ୍‌ସଲ୍‌ଟାଣ୍ଟ ଡା. ପ୍ରଜ୍ଞାନ କୁମାର ରାଉତରାୟ କହିଛନ୍ତି, ଦୁଇବର୍ଷ ପୂର୍ବରୁ ଭାଇରସ୍ ଯିବାର ଆଶା ବହୁତ କ୍ଷୀଣ। ବର୍ତ୍ତମାନ ସମୟରେ ଲକ୍ଷଣ ନ ଥିବା ରୋଗୀ ସଂକ୍ରମଣ ବ୍ୟାପିବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି। ଏମାନଙ୍କ ଶରୀରରେ ଭାଇରସ୍‌ର ଲୋଡ୍ କମ୍ ରହୁଥିବାରୁ ଆର୍‌ଟିପିସିଆର୍ ଟେଷ୍ଟରେ ମଧ୍ୟ ନେଗେଟିଭ୍ ଆସୁଛି। ହେଲେ ନିଜ ପାଖଲୋକଙ୍କୁ ସେମାନେ ବିଭିନ୍ନ ମାଧ୍ୟମରେ ସଂକ୍ରମିତ କରୁଛନ୍ତି। ବିଶେଷକରି ଯୁବପିଢିଙ୍କ ମଧ୍ୟରେ ଏହି ଧରରଣର ରୋଗୀ ଅଧିକ ରହୁଥିବାରୁ ସତର୍କତା ହିଁ ଜରୁରୀ ହୋଇପଡିଛି। ବର୍ତ୍ତମାନ ଗୁରୁତର କୋଭିଡ୍ ରୋଗୀଙ୍କ ଚିକିତ୍ସା କ୍ଷେତ୍ରରେ ଆଣ୍ଟି-ଭାଇରାଲ ମେଡିସିନ୍ ରେମ୍‌ଡେସିଭିର୍ ଓ କମ୍ ଗୁରୁତର ରୋଗୀଙ୍କ ପାଇଁ ଫାବିପିରାଭର ବ୍ୟବହୃତ ହେଉଛି। ତେବେ ଏପର୍ଯ୍ୟନ୍ତ ଏହି ଦୁଇ ଔଷଧ କରୋନା ଚିକିତ୍ସାରେ କେତେ ଫଳପ୍ରଦ ତାହା ପ୍ରମାଣିତ ହୋଇପାରିନି। ରେମ୍‌ଡେସିଭିର୍ କୋଭିଡ୍ ରୋଗୀଙ୍କୁ ମୃତ୍ୟୁମୁଖରୁ ବଞ୍ଚାଇବାର କୌଣସି ପ୍ରମାଣ ନ ଥିଲେ ମଧ୍ୟ ହସ୍ପିଟାଲ ଷ୍ଟେ'କୁ ଏହା ୨ରୁ ୪ଦିନ ପର୍ଯ୍ୟନ୍ତ କମାଇହେଉଛି। ଭାକ୍ସିନ ନ ଆସିବା ପର୍ଯ୍ୟନ୍ତ ସମସ୍ତେ ମାସ୍କ ପିନ୍ଧିବା ସହ ସାମାଜିକ ଦୂରତା ବଜାୟ ରଖିବା ନିହାତି ଜରୁରୀ ବୋଲି ଡା. ରାଉତରାୟ କହିଛନ୍ତି।

କୋଭିଡ୍ ଭୂତାଣୁର ନେଚର କ୍ରମାଗତଭାବେ ବଦଳୁଥିବାରୁ ଭାକ୍ସିନ୍ ଆସିବାରେ ବିଳମ୍ବ ହେଉଛି। ଯଦି ବି ଆସିଲା ତା'ହେଲେ ସ୍ୱାଇନ୍ ଫ୍ଲୁ ଭଳି ପ୍ରତିବର୍ଷ ରି-ଭାକ୍ସିନେଟ୍ କରିବାକୁ ହେବ। ତେଣୁ କମନ୍ ଇମ୍ୟୁନାଇଜେଶନ ପ୍ରୋଗ୍ରାମରେ ଏହି ଭାକ୍ସିନ୍‌କୁ ମଧ୍ୟ ରଖାଯାଇପାରେ ବୋଲି ସେ କହିଛନ୍ତି। ସବୁଠାରୁ ବଡ଼କଥା ହେଉଛି, ଜଣେ ସାଧାରଣ ମଣିଷ ଶରୀରର ଅକ୍ସିଜେନ୍ ସାଚ୍ୟୁରେଶନ ୧୦୦ ରହିବା କଥା। ହେଲେ କୋଭିଡ୍‌ରେ ସଂକ୍ରମିତ ହେବାପରେ ସାଚ୍ୟୁରେଶନ କମି ଅକ୍ସିଜେନ୍ ପ୍ରବାହ କମିଯାଉଛି। ୯୦ ତଳକୁ ଏହି ସାଚ୍ୟୁରେଶନ ରହିଲେ ତାହା ବିଭିନ୍ନ ଅଙ୍ଗପ୍ରତ୍ୟେଙ୍ଗ ପ୍ରତି କ୍ଷତି ପହଞ୍ଚାଇଥାଏ। ଏପରିକି ୫୦ ତଳକୁ ସାଚ୍ୟୁରେଶନ ରହିଲେ ମଧ୍ୟ ଲୋକେ ତାହା ଜାଣି ନ ପାରି ହସ୍ପିଟାଲ ଆସିବାରେ ଅବହେଳା କରୁଛନ୍ତି। ଏଥିପାଇଁ କୋଭିଡ୍ ରୋଗୀଙ୍କ ମଧ୍ୟରେ ମୃତ୍ୟୁହାର ବଢୁଛି। ହସ୍ପିଟାଲ ଆସିବାରେ ବିଳମ୍ବ ନ କରି ଅକ୍ସିଜେନ୍ ସାଚ୍ୟୁରେଶନ ସବୁବେଳେ ଚେକ୍ କରିବା ଆବଶ୍ୟକ। କରୋନା ଚିକିତ୍ସାରେ ଷ୍ଟେରଏଡ୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଡା. ରାଉତରାୟ କହିଛନ୍ତି।

# କଣାସ ଆଇସିଡିଏସ୍‌ରେ ଦୁର୍ନୀତି ଅଭିଯୋଗ

ପୁରୀ ଅଫିସ, ୧୨।୧୧

କଣାସ ବ୍ଲକ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ (ଆଇସିଡିଏସ୍)ରେ ବ୍ୟାପକ ଦୁର୍ନୀତି ହୋଇଥିବା ନେଇ ଜିଲାପାଳଙ୍କ ନିକଟରେ ବଡ଼ଓରା ଗ୍ରାମର ପ୍ରତାପ କୁମାର ସାମନ୍ତସିଂହାର ଅଭିଯୋଗ କରିଛନ୍ତି। ସେ ତାଙ୍କ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି ଯେ, ଛତୁଆ ଯୋଗାଣ ଦୁର୍ନୀତି ସହିତ ମେଡିସିନ କିଟ୍, ଅଙ୍ଗନୱାଡ଼ି କର୍ମୀଙ୍କ ଟିଏ ବିଲ୍ ଆଦି ବିଭିନ୍ନ କାର୍ଯ୍ୟରେ ଲକ୍ଷ ଲକ୍ଷ ଟଙ୍କାର ଦୁର୍ନୀତି ହୋଇଛି। ଏ ସକ୍ରାନ୍ତରେ ଭାଇରାଲ ହୋଇଥିବା ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ (ସିଡିପିଓ) ଏ. ଉଷାରାଣୀ ଏବଂ ଅଙ୍ଗନୱାଡ଼ି ସଭାନେତ୍ରୀ ପ୍ରତିମା ମଞ୍ଜରୀ ଦତ୍ତଙ୍କ ଫୋନ କଲ୍ ଅଡିଓର ତଦନ୍ତ କରାଯିବାକୁ ସେ ଦାବି କରିଛନ୍ତି। ସିଡିପିଓ ଉଷାରାଣୀ କହିଛନ୍ତି, କୌଣସି ପ୍ରକାର ଦୁର୍ନୀତି ହୋଇନାହିଁ। ଅଙ୍ଗନୱାଡ଼ି କର୍ମୀଙ୍କ ମଧ୍ୟରେ ଦୁଇଗୋଷ୍ଠୀ ପରସ୍ପର ଗୋଡ଼ ଟଣାଟଣି ହେଉଛନ୍ତି। ସେ ଜିଲାପାଳଙ୍କୁ ସବୁ ବିଷୟରେ ଅବଗତ କରାଇବେ। ଅଙ୍ଗନୱାଡ଼ି ସଭାନେତ୍ରୀ ଦତ୍ତ କହିଛନ୍ତି, ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ। କେତେଜଣ ବ୍ୟକ୍ତି ଆକ୍ରୋଶ ରଖି ଏଭଳି ଅଭିଯୋଗ ଆଣିଛନ୍ତି। ଭାଇରାଲ ଫୋନ କଲ୍ ଅଡିଓରେ ସେ ଅଫିସ୍ ଭିତ୍ତିଭୂମି ବିକାଶ ସଂକ୍ରାନ୍ତରେ କଥା ହୋଇଥିଲେ।

# ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ପ୍ରତ୍ୟାହାର ଦାବିରେ ବିକ୍ଷୋଭ

ଖୋର୍ଦ୍ଧା ଅଫିସ,୧୨।୧୧

କରୋନା ମହାମାରୀ ସମୟରେ ଲୋକେ କାମ ନ ପାଇ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହିସମୟରେ ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ସହ ପରିବା ଦର ବୃଦ୍ଧି ପାଇଛି। ଏହାର ପ୍ରତିବାଦରେ ଏସ୍‌ୟୁସିଆଇ(ସି) ଖୋର୍ଦ୍ଧା ଶାଖା କମିଟି ପକ୍ଷରୁ ବୁଧବାର ଟାଉନ ହଲ୍‌ଠାରୁ ଶୋଭାଯାତ୍ରାରେ ବାହାରି ପୁରୁଣା ମେଡିକାଲ, ପୁରୁଣା ବସଷ୍ଟାଣ୍ଡ ଦେଇ ଉପଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ପହଞ୍ଚି ବିକ୍ଷୋଭ କରିଥିଲେ। ଏହି ଅବସରରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏସ୍‌ୟୁସିଆଇର ଆଞ୍ଚଳିକ ସମ୍ପାଦକ ଅଶୋକ ସାହୁ, ପ୍ରଶାନ୍ତ ରାଉତରାୟ, ସଂଘମିତ୍ରା ମହାପାତ୍ର, ଅବିନାଶ ପ୍ରଧାନ, ଶ୍ରୀକାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ମସଲା ଦେବା ଆଳରେ ୪ ଲକ୍ଷ ଠକେଇ : ମାଲିକ ଗିରଫ

ଭୁବନେଶ୍ୱର,୧୨।୧୧(ବ୍ୟୁରୋ)

ସୁଲଭ ଦରରେ ମସଲା ଦେବା ଆଳରେ ବ୍ୟବସାୟୀମାନଙ୍କ ଠାରୁ ୪ ଲକ୍ଷ ଟଙ୍କା ଠକି ନେବା ଅଭିଯୋଗରେ ଲକ୍ଷ୍ମୀସାଗର ପୋଲିସ ଉକ୍ତ କମ୍ପାନୀର ମାଲିକଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସେ ହେଲେ ଗଞ୍ଜାମର ପାଣ୍ଡବ ନାହାକ(୩୬)। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୋଗ ଅନୁଯାୟୀ, ଗଞ୍ଜାମ ଜିଲା ରମ୍ଭା ଅଞ୍ଚଳର ପାଣ୍ଡବ ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ କେନାଲ ରୋଡ୍‌ରେ ଥିବା ଏକ ଘରୋଇ ହସ୍ପିଟାଲ ନିକଟରେ ଡିମାଣ୍ଡ ମସଲା ନାମରେ ଏକ କମ୍ପାନୀ ଖୋଲିଥିଲେ। ବିଭିନ୍ନ ଅଞ୍ଚଳରେ ମସଲା ଯୋଗାଇବା ପାଇଁ ପାଣ୍ଡବ ବ୍ୟବସାୟୀମାନଙ୍କଠାରୁ ୪ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଆଣିଥିଲେ। ହେଲେ ପରବର୍ତ୍ତୀ ସମୟରେ ସେ ବ୍ୟବସାୟୀମାନଙ୍କୁ ମସଲା ଯୋଗାଇ ନ ଥିଲେ କି ଅଗ୍ରୀମ ଟଙ୍କା ଫେରସ୍ତ କରି ନ ଥିଲେ। ଏ ନେଇ ସେମାନେ ଅଭିଯୋଗ କରିଥିଲେ। ସେହିପରି ପୁରୀର ପ୍ରହଲ୍ଲାଦ ଓଝା ନାମକ ଜଣେ ବ୍ୟବସାୟୀଙ୍କୁ ମସଲା ଦେବାକୁ କହି ତାଙ୍କଠାରୁ ୧ ଲକ୍ଷ ଟଙ୍କା ପାଣ୍ଡବ ଆଣିଥିଲେ। ପରେ ତାଙ୍କୁ ମସଲା ଦେଇ ନ ଥିଲେ। ଫଳରେ ପ୍ରହଲ୍ଲାଦ ତାଙ୍କୁ ବାରମ୍ବାର ଟଙ୍କା ମାଗି ବିଫଳ ହେବା ପରେ ଲକ୍ଷ୍ମୀସାଗର ଥାନାରେ ଅଭିଯୋଗ କରିଥିଲେ। ଏହାକୁ ନେଇ ପୋଲିସ ଏକ ମାମଲା ରୁଜୁ କରିଥିଲା।

# ୧୬ରେ ଏସ୍‌ସିବି ନୂତନ ୱେବ୍‌ସାଇଟ୍ ଉଦ୍‌ଘାଟନ

କଟକ ଅଫିସ,୧୨।୧୧:

ଆସନ୍ତା ୧୬ ତାରିଖରେ ଏସ୍‌ସିବିର ନବନିର୍ମିତ ଅତ୍ୟାଧୁନିକ ୱେବସାଇଟ୍ ଏବଂ ଆଲୁମିନିକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦଘାଟନ କରିବେ। ଏ ନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ସମ୍ମତି ମିଳିଛି ବୋଲି ଏସ୍‌ସିବି ଉପାଧ୍ୟକ୍ଷ ପ୍ରଫେସର ଗୀତା ସାହୁ ସୂଚନା ଦେଇଛନ୍ତି। ଏହି ୱେବସାଇଟ୍‌ରେ ଏସ୍‌ସିବିର ସବୁ ବିଭାଗରେ କାର୍ଯ୍ୟରତ ଡାକ୍ତରଙ୍କ ତଥ୍ୟ ମିଳିପାରିବ। ଫଳରେ ଜଣେ ରୋଗୀ ଅଯଥା ହଇରାଣ ନ ହୋଇ କମ୍ପ୍ୟୁଟରର ଗୋଟିଏ କ୍ଲିକ୍‌ରେ ନିଜ ଡାକ୍ତରଙ୍କ ସମ୍ପର୍କରେ ତଥ୍ୟ ଜାଣିବା ସହ ଚିକିତ୍ସା ସୁବିଧା ପାଇପାରିବେ। ଏସ୍‌ସିବିରୁ ପାସ୍ କରିଥିବା ସମସ୍ତ ଡାକ୍ତରଙ୍କୁ ଏକତ୍ରିତ କରିବା ପାଇଁ ଅଭିନବ ପ୍ରୟାସ କ୍ରମେ ଆଲୁମିନି ନିର୍ମାଣ ଲାଗି କାର୍ଯ୍ୟାରମ୍ଭ ହୋଇଥିଲା।

# ୨୪ ବାଇକ୍ ଜବତ, ୪ ଗିରଫ

ବ୍ରହ୍ମଗିରି,୧୨।୧୧(ଡି.ଏନ୍.ଏ.)

ବ୍ରହ୍ମଗିରି ପୋଲିସ ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୨୪ଟି ଚୋରି ବାଇକ୍ ଜବତ କରିବା ସହ ୪ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ମିର୍ଜାପୁର ଗ୍ରାମର ଚିନ୍ମୟ ପ୍ରଧାନ, ବ୍ରହ୍ମଗିରି ବରବାଟିର ଲିଙ୍କୁ ଗୋଚ୍ଛାୟତ, ନହରପଦା ଗ୍ରାମର ଚନ୍ଦନ ଗୋଚ୍ଛାୟତ, ପୁରୀ ସଦର ଥାନା ଅଧୀନ ରେଣ୍ଟାଗଡ଼ର ମନୋରଞ୍ଜନ ପାତ୍ର। ଅକ୍ଟୋବର ୮ରେ ପୋଲିସ ପ୍ରଥମେ ଦୁଇଜଣଙ୍କୁ ଅଟକ ରଖି ତଦନ୍ତ ଆରମ୍ଭ କରିଥିଲା। ପରବର୍ତ୍ତୀ ସମୟରେ ପୋଲିସ ଏମାନଙ୍କଠାରୁ ଅନ୍ୟ ଦୁଇ ଜଣଙ୍କ ସମ୍ପର୍କରେ ସୂଚନା ପାଇ ସେମାନଙ୍କୁ ଧରିଥିଲା। ଏ ନେଇ ଦୁଇଟି ମାମଲା ରୁଜୁ କରି ବିଭିନ୍ନ ସ୍ଥାନରେ ଚଢ଼ାଉ କରି ବାଇକ୍ ଜବତ କରିଥିଲା।

# ପୋଷଣ ଉଦ୍ୟାନ ଉଦ୍‌ଘାଟିତ

ବାଲକାଟୀ,୧୨।୧୧(ଡି.ଏନ୍.ଏ.)

ବାଲକାଟୀସ୍ଥିତ ପ୍ରତାପ ଶାସନ ବାଳିକା ଉଚ୍ଚ ବିଦ୍ୟାଳୟ, ବଡ଼ଭୋଇସାହିସ୍ଥିତ ବିଜୁ ପଟ୍ଟନାୟକ ପ୍ରାଥମିକ ବିଦ୍ୟାଳୟ, ହୀରାପୁରସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ହୋଇଥିବା ପୋଷଣ ଉଦ୍ୟାନ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ବିଧାୟକ ଡ. ଅରବିନ୍ଦ ଢାଲୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ବ୍ଲକ ଶିକ୍ଷା ଅଧିକାରୀ ସ୍ନିଗ୍ଧା ମିଶ୍ର, ଜିଲା ପରିଷଦ ସଭ୍ୟ ଅମରେନ୍ଦ୍ର ପଟ୍ଟନାୟକ ପ୍ରମୁଖ ସରକାରଙ୍କ ଏହି କାର୍ଯ୍ୟକ୍ରମର ଉପକାରିତା ସମ୍ପର୍କରେ କହିଥିଲେ।

# ବିଦ୍ୟାଳୟ ସ୍ଥାନାନ୍ତର ପ୍ରତିବାଦରେ ରାସ୍ତାରୋକୋ

ନିରାକାରପୁର,୧୨।୧୧(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ଅଧୀନ ପଦ୍ମପୁର ପ୍ରାଥମିକ ବିଦ୍ୟାଳୟ ସ୍ଥାନାନ୍ତର ପ୍ରତିବାଦରେ ଗୁରୁବାର ସ୍ଥାନୀୟ ଗ୍ରାମବାସୀ ସ୍କୁଲ ଆଗରେ ରାସ୍ତାରୋକୋ କରିଥିଲେ। ଫଳରେ ଉଭୟ ପାର୍ଶ୍ୱରୁ ଆସୁଥିବା ସମସ୍ତ ଯାନବାହନ ଅଟକି ରହିଥିଲା। ଖବରପାଇ ନିରାକାରପୁର ପୋଲିସ ଏବଂ ସରପଞ୍ଚ ପ୍ରମୋଦ ତ୍ରିପାଠୀ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରିବା ସହ ଏନେଇ ଜିଲାପାଳଙ୍କ ସହ ଆଲୋଚନା କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ପୂର୍ବାହ୍ନ ୧୦ଟାରୁ ୧୧ଟା ପର୍ଯ୍ୟନ୍ତ ଏହି ରାସ୍ତାରୋକୋ ହୋଇଥିଲା। ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା। ପ୍ରକାଶ ଯେ, ୧୯୫୩ ମସିହାରେ ପଦ୍ମପୁର ପ୍ରାଥମିକ ବିଦ୍ୟାଳୟ ସ୍ଥାପିତ ହୋଇଥିବା ବେଳେ ଅଦ୍ୟାବଧି ଚାଲୁ ରହିଛି। ଏଠାରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ରହିଥିବା ବେଳେ ମୋଟ୍ ୨୦ଜଣ ଛାତ୍ରୀଛାତ୍ର ରହିଛନ୍ତି। ତେବେ ଶିକ୍ଷା ବିଭାଗ ଚିଠି ଅନୁଯାୟୀ ଏହି ସ୍କୁଲ ନିରାକାରପୁରରେ ଥିବା ଚିତ୍ରକୂଟ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରେ ମିଶିବା ଲାଗି ସ୍ଥିର ହୋଇଛି। ତେବେ ଛାତ୍ରୀଛାତ୍ରମାନେ ବିପଦରେ ଗହଳିପୂର୍ଣ୍ଣ ନୂଆ ଜଗନ୍ନାଥ ସଡ଼କରେ ଯାତାୟାତ କରିବେ ବୋଲି ଗ୍ରାମବାସୀ କହିଛନ୍ତି।


ନୂଆ ଜଗନ୍ନାଥ ସଡ଼କରେ ଗ୍ରାମବାସୀ ରାସ୍ତାରୋକୋ କରିଛନ୍ତି।

**ମାଞ୍ଜାସୂତାରେ ଯୁବକଙ୍କ ତଣ୍ଟି କଟିଲା**

ଚୌଦ୍ୱାର (ଡି.ଏନ୍.ଏ.)– ମାଞ୍ଜାସୂତା ଲାଗି ବାଇକ୍‌ରେ ଯାଉଥିବା ଜଣେ ଯୁବକ ତଣ୍ଟି କଟିଯାଇଛି। ସେ ହେଲେ ନଖରା ପଞ୍ଚାୟତ ଅଧୀନ ସାନଚାଞ୍ଚୋ ଗ୍ରାମର ଲକ୍ଷ୍ମୀଧର ଦାସ। ସେ ବାଇକ୍‌ରେ ଚୌଦ୍ୱାରରୁ ନିଜ ଘର ଅଭିମୁଖେ ଯାଉଥିବାବେଳେ ନୁଆଁକିରୀ ନିକଟରେ ଏକ ଗୁଡ଼ିସୂତା ତାଙ୍କ ବେକରେ ଗୁଡେଇ ହୋଇଯାଇଥିଲା। ଏଥିରେ ତାଙ୍କ ବେକରେ ଆଘାତ ଲାଗିଛି। ସେ ଆହତ ହୋଇଛନ୍ତି। ଦୁର୍ଘଟଣା ପରେ ଗୁଡ଼ି ଉଡାଉଥିବା ଛୋଟ ପିଲାମାନେ ଘଟଣାସ୍ଥଳରୁ ଦୌଡି ପଳାଇ ଯାଇଥିଲେ।

## ସଂକ୍ଷେପରେ

### ଏବର୍ଷ ରାଧାପାଦ ଦର୍ଶନ ବନ୍ଦ

**ପୁରୀ ଅଫିସ,୧୨।୧୧:** ଶୀତଦିନେ କରୋନା ସଂକ୍ରମଣ ବୃଦ୍ଧି ପାଇବା ସମ୍ଭାବନା ରହିଛି। ଏଥିସହ କୋଭିଡ୍ କଟକଣାକୁ ଦୃଷ୍ଟିରେ ରଖି ଚଳିତବର୍ଷ ଅଁଳା ନବମୀରେ ସାକ୍ଷୀଗୋପାଳ ମନ୍ଦିରରେ ରାଧାପାଦ ଦର୍ଶନ ବନ୍ଦ ରହିବ। ପ୍ରଶାସନିକ ସ୍ତରରେ ଏ ନେଇ ଆଲୋଚନା ହୋଇଛି। ଖୁବ୍‌ଶୀଘ୍ର ଏ ସଂକ୍ରାନ୍ତ ନିର୍ଦ୍ଦେଶନାମା ପ୍ରକାଶ ପାଇବ ବୋଲି ଗୁରୁବାର ପୁରୀ ଉପଜିଲାପାଳ ଭବତାରଣ ସାହୁ ସୂଚନା ଦେଇଛନ୍ତି। ଉପଜିଲାପାଳ ସାହୁ କହିଛନ୍ତି ଯେ, ପ୍ରତିବର୍ଷ ଅଁଳା ନବମୀରେ ସାକ୍ଷୀଗୋପାଳ ମନ୍ଦିରରେ ରାଧାପାଦ ଦର୍ଶନ ପାଇଁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ମାତ୍ର ଏଥର ଭିଡ଼ ହେଲେ କରୋନା ସଂକ୍ରମଣ ବ୍ୟାପିବାର ଆଶଙ୍କା ରହିଛି। ତେଣୁ ରାଧାପାଦ ଦର୍ଶନ ବନ୍ଦ ରଖାଯିବାକୁ ପ୍ରଶାସନ ସ୍ଥିର କରିଛି। ସେହିପରି ପ୍ରତିବର୍ଷ କାଳୀପୂଜାରେ ବୀରଗୋବିନ୍ଦପୁରସ୍ଥିତ ଦକ୍ଷିଣ କାଳୀପୀଠରେ ଭକ୍ତଙ୍କ ଭିଡ଼ ହୋଇଥାଏ। ଏ ବର୍ଷ ଯେପରି ଭିଡ଼ ନ ହେବ ସେଥିପ୍ରତି କଡ଼ା ନଜର ରଖାଯିବ।

### ବ୍ରାଉନସୁଗାର ଜବତ

**ପୁରୀ ଅଫିସ,୧୨।୧୧:** ଜିଲାପାଳ ବଲୱନ୍ତ ସିଂଙ୍କ ନିର୍ଦ୍ଦେଶକ୍ରମେ ପୁରୀ ଅବକାରୀ ସୁପରିଣ୍ଟେଣ୍ଡେଣ୍ଟଙ୍କ ନେତୃତ୍ୱରେ ଦୁଇଟି ସ୍ଥାନରେ ଚଢାଉ କରାଯାଇ ୨୭ ଗ୍ରାମ୍ ବ୍ରାଉନସୁଗାର ଜବତ କରାଯାଇଛି। ସତ୍ୟବାଦୀର ଭାସ୍କର ସେଠୀଙ୍କଠାରୁ ୧୦ ଗ୍ରାମ ଏବଂ ଡେଲାଙ୍ଗର ପ୍ରକାଶ ଚନ୍ଦ୍ର ବେହେରାଙ୍କଠାରୁ ୧୭ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ ହୋଇଛି। ଏହାର ମୂଲ୍ୟ ପ୍ରାୟ ୨ଲକ୍ଷ ୭୦ ହଜାର ଟଙ୍କା ହେବ ବୋଲି ଅବକାରୀ ଓଆଇସି ପ୍ରକାଶ କୁମାର ସାହୁ କହିଛନ୍ତି।

### ମାଧବ ଖୁଣ୍ଟିଆ ଗିରଫ

#### ଗୁନ ସିଂହାରୀ ହତ୍ୟା ମାମଲା

ପୁରୀ ଅଫିସ,୧୨।୧୧: ପୁରୀର ବହୁଚର୍ଚ୍ଚିତ ତଲୁଛ ଭଗବାନ ମହାପାତ୍ର (ଗୁନ ସିଂହାରୀ) ହତ୍ୟା ମାମଲାରେ ଟାଉନ ଥାନା ପୋଲିସ ଗୁରୁବାର ଦୁର୍ଦ୍ଧାନ୍ତ ଅପରାଧୀ ମାଧବ ଚନ୍ଦ୍ର ଖୁଣ୍ଟିଆଙ୍କୁ ଗିରଫ କରିଛି। ୨୦୧୨ ମସିହାରେ ହୋଇଥିବା ଏହି ହତ୍ୟାକାଣ୍ଡର ଅନ୍ୟତମ ଅଭିଯୁକ୍ତ ଥିଲେ ମାଧବ। ମାତ୍ର ତାଙ୍କ ଗିରଫ ଉପରେ ହାଇକୋର୍ଟ ରହିତାଦେଶ ଜାରି କରିଥିଲେ। ରହିତାଦେଶ ଉଠିବା ପରେ ଜାମିନ ବିହୀନ ଗିରଫ ପରୱାନା ଜାରି ହୋଇଥିଲା। ଗୁରୁବାର ପୋଲିସ ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି ବୋଲି ଟାଉନ ଥାନା ଅଧିକାରୀ ଉପେନ୍ଦ୍ର କୁମାର ବେହେରା କହିଛନ୍ତି। ସୂଚନାଯୋଗ୍ୟ, ୨୦୧୨ ଅଗଷ୍ଟ ୨୨ ତାରିଖ ସନ୍ଧ୍ୟାରେ ପଞ୍ଚୁଆତି ଜାଗାଘର ନିକଟରେ ପୂର୍ବତନ ପୌର ପରିଷଦ ସଦସ୍ୟ ଗୁନ ସିଂହାରୀଙ୍କୁ ଗୁଳିକରି ହତ୍ୟା କରାଯାଇଥିଲା। ଏ ନେଇ ପୋଲିସ ଏକ ମାମଲା (ନଂ.୧୧୭/୨୦୧୨)ରୁଜୁ କରି କେତେଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

# ଜାଲ୍ ଭୋଟରଙ୍କ ଉପରେ କଡ଼ା ନଜର

**ପୁରୀ ଅଫିସ/ଖୋର୍ଦ୍ଧା ଅଫିସ,୧୨।୧୧**

## ସଂକ୍ଷିପ୍ତ ଫଟୋ ଭୋଟର ତାଲିକା ସଂଶୋଧନ

ଭାରତୀୟ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକ୍ରମେ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧିତ ଫଟୋ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ପୁରୀ ଜିଲାରେ ଆରମ୍ଭ ହୋଇଛି। ଆସନ୍ତା ଜାନୁୟାରୀ ପହିଲା ସୁଦ୍ଧା ୧୮ବର୍ଷ ପୂରଣ ହେଉଥିବା ନାଗରିକମାନେ ଭୋଟର ଭାବେ ନାମ ପଞ୍ଜୀକରଣ କରିପାରିବେ। ଆପତ୍ତି ଅଭିଯୋଗ ଥିଲେ ସେମାନେ ନିର୍ଦ୍ଧାରିତ ଫର୍ମରେ ଆସନ୍ତା ୧୬ରୁ ଡିସେମ୍ବର ୧୫ ପର୍ଯ୍ୟନ୍ତ ସମ୍ପୃକ୍ତ ମତଦାନ କେନ୍ଦ୍ରରେ ବୁଥ୍‌ସ୍ତରୀୟ ଅଧିକାରୀମାନଙ୍କ ମାଧ୍ୟମରେ ଦାଖଲ କରିପାରିବେ। ଗୁରୁବାର ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଉପଜିଲାପାଳ ଭବତାରଣ ସାହୁ ଏହି ସୂଚନା ଦେଇଛନ୍ତି।

ଉପଜିଲାପାଳ କହିଛନ୍ତି, ନୂତନ ଭୋଟର ଭାବେ ନାମ ପଞ୍ଜୀକରଣ ନିମନ୍ତେ ଫର୍ମ ନଂ–୬, ପ୍ରବାସୀ ଭାରତୀୟ ଭାବେ ନାମ ପଞ୍ଜୀକରଣ ନିମନ୍ତେ ଫର୍ମ ନଂ–୬(କ), ତାଲିକାରୁ ନାମ ବାଦ୍ ନିମନ୍ତେ ଫର୍ମ ନଂ–୭, ତ୍ରୁଟି ସଂଶୋଧନ ନିମନ୍ତେ ଫର୍ମ ନଂ–୮ ଏବଂ ଭୋଟରଙ୍କ ନାମ ସ୍ଥାନାନ୍ତରୀକରଣ ନିମନ୍ତେ ଫର୍ମ ନଂ–୮(କ) ଦାଖଲ କରାଯାଇ ପାରିବ। ଉପଜିଲାପାଳ ଏବଂ ସମସ୍ତ ବିଡିଓଙ୍କ କାର୍ଯ୍ୟାଳୟରେ ଭୋଟର ସହାୟତା କେନ୍ଦ୍ର ଖୋଲାଯାଇଛି। ନଭେମ୍ବର ୨୨, ୨୮, ଡିସେମ୍ବର ୬ ଓ ୧୨ ତାରିଖରେ ସ୍ୱତନ୍ତ୍ର ଅଭିଯାନ ଦିବସ ହେବ। ଏହିଦିନ ସମସ୍ତ ବିଏଲ୍‌ଓ ନିଜ ବୁଥ୍‌ରେ ଉପସ୍ଥିତ ରହିବେ। ଜନସାଧାରଣ ନିର୍ଦ୍ଧାରିତ ଫର୍ମ ମାଧ୍ୟମରେ ଦାବି, ଅଭିଯୋଗ ତଥା ନୂତନ ଭୋଟର ଭାବେ ପଞ୍ଜୀକରଣ ଆବେଦନ କରିପାରିବେ। ୨୦୨୧ ଜାନୁୟାରୀ ୧୫ରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ। ଜାଲ୍ ଭୋଟରଙ୍କ ଉପରେ ମଧ୍ୟ କଡ଼ା ନଜର ରଖାଯାଇଛି। ଏଥିରେ ସହଯୋଗ ପାଇଁ ଜନସାଧାରଣ ଏବଂ ରାଜନୈତିକ ଦଳଗୁଡ଼ିକୁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ଅତିରିକ୍ତ ଜିଲାପାଳ (ରାଜସ୍ୱ) ସୁଭାଷଚନ୍ଦ୍ର ନାଥଶର୍ମା ଏବଂ ଡେପୁଟି କଲେକ୍ଟର (ନିର୍ବାଚନ) ସୁମନ୍ତ କର ଉପସ୍ଥିତ ଥିଲେ।

ସେହିପରି ଖୋର୍ଦ୍ଧା ଜିଲାରେ ଭୋଟର ତାଲିକା ସ୍ୱତନ୍ତ୍ର ସଂଶୋଧନ ନିମନ୍ତେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ସନତ ମହାନ୍ତି ଅଧ୍ୟକ୍ଷତା କରିଥିବାବେଳେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ଉପସ୍ଥିତ ଥିଲେ। ଜିଲାପାଳ ସମସ୍ତ ରାଜନୈତିକ ଦଳର ସହଯୋଗ କାମନା କରିଥିଲେ। ଡେପୁଟି କଲେକ୍ଟର (ନିର୍ବାଚନ) କୁମୁଦିନୀ ସୁବୁଦ୍ଧି ଭୋଟର ତାଲିକା ସଂଶୋଧନ ସମ୍ପର୍କରେ ସୂଚନା ଦେଇଥିଲେ। ତାଲିକା ସଂଶୋଧନ ନେଇ ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟରେ ସ୍ୱତନ୍ତ୍ର ଅଭିଯାନ ନଭେମ୍ବର ୨୨ରୁ ୨୮ ଏବଂ ଡିସେମ୍ବର ୬ରୁ ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ। ବୈଠକରେ ଅତିରିକ୍ତ ଜିଲାପାଳ ମନୋଜ ପାତ୍ରୀ, ଖୋର୍ଦ୍ଧା ଉପଜିଲାପାଳ ଅଶୋକ ବେହୁରିଆ, ଭୁବନେଶ୍ୱର ଉପଜିଲାପାଳ ଦେବବ୍ରତ ସାହୁ ଉପସ୍ଥିତ ଥିଲେ।

# ସୁସ୍ଥ ହୋଇ ଫେରିଗଲେ ଫୁଲମତି

**ଖୋର୍ଦ୍ଧା ଅଫିସ, ୧୨।୧୧**


ଫୁଲମତି ଗଣ୍ଡ

**ପେଟରୁ ୫୭ କେଜି ଟ୍ୟୁମର ବାହାରିବା ଘଟଣା**

ଦୀର୍ଘ ୧୦ ବର୍ଷ ପେଟରେ ୫୭ କେଜି ଟ୍ୟୁମର ଧରି ଯନ୍ତ୍ରଣାରେ ଛଟପଟ ହେଉଥିଲେ ନବରଙ୍ଗପୁର ଜିଲା ପାଣ୍ଡ୍ରିପାଖିନା କଚରପଡ଼ା ଗ୍ରାମର ଫୁଲମତି ଗଣ୍ଡ। ଖୋର୍ଦ୍ଧା ଜିଲା କୁହୁଡ଼ିସ୍ଥିତ ସାଇସେବା ସଦନ ମେଡିକାଲରେ ସଫଳ ଅପରେଶନ ପରେ ଏହି ଟ୍ୟୁମର ବାହାରିଥିଲା। ଏବେ ଫୁଲମତି ସୁସ୍ଥ ହୋଇଛନ୍ତି। ମଙ୍ଗଳବାର ସେ ତାଙ୍କ ମା' ଓ ଭାଇଙ୍କ ସହ ନିଜ ଗ୍ରାମକୁ ଫେରିଯାଇଛନ୍ତି। ଫେରିବାବେଳେ ପରିବାର ଲୋକେ ଆନନ୍ଦାଶ୍ରୁ ଝରାଇ ମେଡିକାଲ ଟିମ୍, ସାଇସେବା ସଦନ କର୍ତ୍ତୃପକ୍ଷଙ୍କୁ କୃତଜ୍ଞତା ଜଣାଇଥିଲେ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପା ଓ ସମସ୍ତଙ୍କ ସହଯୋଗ ଯୋଗୁ ଫୁଲମତି ନୂତନ ଜୀବନ ପାଇଛନ୍ତି ବୋଲି ତାଙ୍କ ମା' ହାଲୁରୀ ଗଣ୍ଡ ଗଣମାଧ୍ୟମକୁ କହିଛନ୍ତି।

ସୂଚନାଯୋଗ୍ୟ, ଧନୀରାମ ଗଣ୍ଡ ଓ ହାଲୁରୀଙ୍କ ଝିଅ ଫୁଲମତିଙ୍କ ବୟସ ବଢିବା ସହିତ ତାଙ୍କ ପେଟରେ ଏକ ଟ୍ୟୁମର ବଢିଚାଲିଥିଲା। ଆର୍ଥିକ ଅନଟନ ଯୋଗୁ ସେ ଏହାର ଚିକିତ୍ସା କରାଇପାରୁ ନ ଥିଲେ। ପରିବାରବର୍ଗ ଦୁଃଖରେ ଭାଙ୍ଗିପଡ଼ିଥିଲେ। ଯନ୍ତ୍ରଣା ଅସହ୍ୟ ହେବାରୁ ତାଙ୍କୁ କୋରାପୁଟ ସଦର ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଏହି ସମୟରେ ସୋସିଆଲ ମିଡିଆରୁ ତାଙ୍କ ସମ୍ପର୍କରେ ସାଇସେବା ସଦନ ମୁଖ୍ୟ ପରିଚାଳକ ଜଗନ୍ନାଥ ସାହୁ ଜାଣିବାକୁ ପାଇଲେ। ସେ ତାଙ୍କୁ ଏକ ସ୍ୱତନ୍ତ୍ର ଆମ୍ବୁଲାନ୍ସରେ ନିଜ ମେଡିକାଲକୁ ଆଣିଲେ। ପବିତ୍ର ଦଶହରା ଅକ୍ଟୋବର ୨୬ରେ ଅପରେଶନ କରାଇଲେ। କୋରାପୁଟ ସଦର ଚିକିତ୍ସାଳୟର ଆସିଷ୍ଟାଣ୍ଟ ସର୍ଜନ ଡା. ଜଗଦୀଶ ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ସାଇସେବା ସଦନ ମେଡିକାଲର ୫ଜଣିଆ ଟିମ୍ ଏହି ଅପରେଶନ କରିଥିଲେ।

# ସରିଲା 'ମୃତ୍ତିକା': ୧କୋଟି ୨୫ଲକ୍ଷରୁ ଊର୍ଦ୍ଧ୍ୱ ବ୍ୟବସାୟ



**ଭୁବନେଶ୍ୱର,୧୨।୧୧(ବ୍ୟୁରୋ)**

ଦୀପାବଳି ଉପଲକ୍ଷେ ରାଜ୍ୟ ହସ୍ତ ଓ କୁଟୀର ଶିଳ୍ପ ନିର୍ଦ୍ଦେଶାଳୟ ଦ୍ୱାରା ୟୁନିଟ–୩ ଇଡ୍‌କୋ ପ୍ରଦର୍ଶନୀ ପଡିଆଠାରେ ଚାଲିଥିବା ବାର୍ଷିକ ଟେରାକୋଟା ପ୍ରଦର୍ଶନୀ 'ମୃତ୍ତିକା' ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏହି ୭ ଦିନିଆ ପ୍ରଦର୍ଶନୀରେ ୧ କୋଟି ୨୫ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବିକ୍ରିବଟା ହୋଇଛି। ଏନେଇ ନିର୍ଦ୍ଦେଶାଳୟ ନିର୍ଦ୍ଦେଶକ ବସନ୍ତ କୁମାର ଦାସ ସୂଚନା ଦେଇଛନ୍ତି। ଏହି ପ୍ରଦର୍ଶନୀରେ ୨୦ଟି ଜିଲାର ୧୬୮ରୁ ଊର୍ଦ୍ଧ୍ୱ ଟେରାକୋଟା ଶିଳ୍ପୀ ସେମାନଙ୍କର କଳାକୃତିକୁ ପ୍ରଦର୍ଶନ ସହିତ ବିକ୍ରିବଟା କରିଥିଲେ। ପ୍ରଦର୍ଶନୀରେ ଏଥର ଟେରାକୋଟା ରଥ ପ୍ରମୁଖ ଆକର୍ଷଣ ସାଜିଥିଲା। ଏହାବ୍ୟତୀତ ମାଟିରେ ପ୍ରସ୍ତୁତ ଘରକରଣା ଓ ଘରସଜ୍ଜା ସାମଗ୍ରୀର ବିଶେଷ ଚାହିଦା ଦେଖିବାକୁ ମିଳିଥିଲା। କୋଭିଡ୍ କଟକଣା ମଧ୍ୟରେ ଆୟୋଜିତ ଏହିପ୍ରଦର୍ଶନୀରେ ଲୋକଙ୍କର ମାଟିସାମଗ୍ରୀ ପ୍ରତି ନୂଆ କ୍ରେଜ୍ ଦେଖିବାକୁ ମିଳିଥିଲା।

## ଥାନା ହାଜତରୁ ଅଭିଯୁକ୍ତ ଚମ୍ପଟ

**କଟକ ସଦର,୧୨।୧୧(ଡି.ଏନ୍.ଏ.):** କଟକ ସଦର ଥାନା ହାଜତରୁ ଗୁରୁବାର ସକାଳେ ଜଣେ ଅଭିଯୁକ୍ତ ଚମ୍ପଟ ମାରିଛନ୍ତି। ସେ ହେଲେ ବ୍ରାହ୍ମଣଝରିଲୋ ଅଞ୍ଚଳର ବସିର ଖାଁ ଓରଫ୍ ଜୁଗା। ଏନେଇ ପୋଲିସ ଦଫା ୨୨୫ରେ ମାମଲା (ନଂ.୫୯୩/୨୦)ରୁଜୁକରି ତଦନ୍ତ ଚଳାଇଛି। ପ୍ରକାଶ ଯେ, ଅକ୍ଟୋବର ୨୯ରେ ଜୁଗା ବ୍ରାହ୍ମଣଝରିଲୋସ୍ଥିତ ଜଗନ୍ନାଥ ସେବା ସମବାୟ ସମିତିର ମିନିବ୍ୟାଙ୍କରେ ପଶି ଷ୍ଟାଫଙ୍କୁ ଦାଦାବଟି ମାଗିବା ସହ ଗାଳିଗୁଲଜ କରିଥିଲେ। ଏଥିସହ କ୍ୟାଶ କାଉଣ୍ଟର କାଚ ଭାଙ୍ଗିଥିଲେ। ଜୁଗାଙ୍କ ବିରୋଧରେ ମାମଲା ନଂ.୫୭୬/୨୦ ରୁଜୁ ହୋଇଛି। ଏହି ଘଟଣାରେ ବୁଧବାର ପୋଲିସ ଜୁଗାଙ୍କୁ ଥାନାରେ ଅଟକ ରଖିଥିଲା। ରାତିରେ ସେ ପେଟ ଖରାପ ଅଛି କହିବା ସହ ପ୍ୟାଣ୍ଟରେ ମଳତ୍ୟାଗ କରିଥିଲେ। ଗୁରୁବାର ସକାଳେ ସୁରକ୍ଷା କର୍ମୀ ହାଜତ ଖୋଲିବା ମାତ୍ରେ ଜୁଗା ତାଙ୍କୁ ଧକ୍କା ମାରି ଫେରାର ହୋଇଯାଇଥିଲେ। ଜୁଗାଙ୍କୁ ଧରିବା ପାଇଁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଚଢ଼ାଉ ଜାରି ରହିଛି।

# ତୁରେଇକେଲା–ହରିଶଙ୍କର ରୋଡ୍–ଲଖନା ପ୍ରକଳ୍ପ କାର୍ଯ୍ୟକ୍ଷମ

**ଭୁବନେଶ୍ୱର,୧୨।୧୧(ବ୍ୟୁରୋ)**

ଟିଟିଲାଗଡ଼–ରାୟପୁର ଦୋହରୀକରଣ ପ୍ରକଳ୍ପର ତୁରେଇକେଲା–ହରିଶଙ୍କର ରୋଡ୍–ଲଖନା ମଧ୍ୟରେ ୨୫ କି.ମି. କାର୍ଯ୍ୟ ଗତ ୯ ତାରିଖରୁ ଶେଷ ହେବା ପରେ ଏବେ କାର୍ଯ୍ୟକ୍ଷମ ହୋଇଛି। ସେହିଭଳି ତୁରେଇକେଲା ଓ ହରିଶଙ୍କର ରୋଡ୍‌ରେ ଦୁଇଟି ନୂତନ ଆଧୁନିକ ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଂ ପ୍ରଣାଳୀ କାର୍ଯ୍ୟକ୍ଷମ ହୋଇଛି। ଏହା ସମ୍ବଲପୁର ରେଳମଣ୍ଡଳ ଅଧୀନରେ ଶେଷ ଇଲେକ୍ଟ୍ରୋ ମେକାନିକାଲ୍ ସାଙ୍କେତିକ ପ୍ରଣାଳୀ ଥିଲା। ଏହି ଆଧୁନିକ ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଂ ପ୍ରଣାଳୀ ଟ୍ରେନ୍ ଯାତାୟାତ କାର୍ଯ୍ୟରେ ସୁରକ୍ଷା ସ୍ତରକୁ ବୃଦ୍ଧି କରିବା ସହ ସମୟାନୁବର୍ତ୍ତିତାକୁ ଉନ୍ନତ କରିବ। ଷ୍ଟେଶନଗୁଡିକ ମଧ୍ୟରେ ଏହି ଦୋହରୀକରଣ କାର୍ଯ୍ୟ ଯୋଗୁ ଅଧିକ ସଂଖ୍ୟକ ଟ୍ରେନ୍ ଚଳାଚଳ କରିବା ସହ ପରବର୍ତ୍ତୀ ସମୟରେ ଭାରତୀୟ ରେଳର ରାଜସ୍ୱ ବୃଦ୍ଧି କରିବ। ବର୍ତ୍ତମାନ ସମ୍ବଲପୁର ରେଳ ମଣ୍ଡଳରେ କୌଣସି ଲିଭର ଫ୍ରେମ୍ ଷ୍ଟେଶନ ନାହିଁ। ଭାରତୀୟ ରେଳପଥ ଓ ରେଳ ବିକାଶ ନିଗମ ଲିମିଟେଡ୍ (ଆରଭିଏନ୍‌ଏଲ୍)ର ମିଳିତ ସହଯୋଗରେ ଏହା ସମ୍ଭବ ହୋଇଛି ବୋଲି ପୂର୍ବତଟ ରେଳପଥ ପକ୍ଷରୁ କୁହାଯାଇଛି।

# ସାଇ ଇଣ୍ଟରନ୍ୟାଶନାଲକୁ ଶ୍ରେଷ୍ଠ ସ୍କୁଲ ମାନ୍ୟତା

**ଭୁବନେଶ୍ୱର, ୧୨।୧୧(ବ୍ୟୁରୋ)**




ଏଜୁକେଶନ୍ ୱାର୍ଲ୍ଡ ଇଣ୍ଡିଆ ସ୍କୁଲ ର୍ୟାଙ୍କିଙ୍ଗ୍ ୨୦୨୦ର ଡେ' କମ୍‌ବୋର୍ଡିଂ ବିଭାଗରେ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ ସର୍ବଭାରତୀୟ ସ୍ତରରେ ଶ୍ରେଷ୍ଠ ସ୍କୁଲ ଏବଂ ଓଡ଼ିଶାର ଏକ ନମ୍ବର ସ୍କୁଲର ମାନ୍ୟତା ପାଇଛି। ପୂର୍ବ ଭାରତରୁ ଏକମାତ୍ର ସ୍କୁଲ ଭାବେ ସହବନ୍ଧିତ ହୋଇ କେ–୧୨ ଶୈକ୍ଷିକ କ୍ଷେତ୍ରରେ ପ୍ରବେଶ କରିଛି। ୨୦୧୯ରେ ସାଇ ଇଣ୍ଟରନ୍ୟାଶନାଲ ଦେଶର ତୃତୀୟ ଶ୍ରେଷ୍ଠ ସ୍କୁଲ ମାନ୍ୟତା ପାଇଥିଲା। ସାଇ ଇଣ୍ଟରନ୍ୟାଶନାଲ ସହିତ ଦିଲ୍ଲୀ ପବ୍ଲିକ୍ ସ୍କୁଲ୍ (ଡିପିଏସ୍) ଆର୍‌କେପୁରମ୍ ଦିଲ୍ଲୀକୁ ମଧ୍ୟ ଶ୍ରେଷ୍ଠ ସ୍କୁଲ ମାନ୍ୟତା ମିଳିଛି। ଏଜୁକେଶନ୍ ୱାର୍ଲ୍ଡ ଇଣ୍ଡିଆ ସ୍କୁଲ ର୍ୟାଙ୍କିଙ୍ଗ୍ ସର୍ବେକ୍ଷଣରେ ସମୁଦାୟ ୧ହଜାର ପ୍ରମୁଖ ସ୍କୁଲ୍‌ର ୧୧୩୬୮ଜଣ ଶିକ୍ଷାବିତ୍, ପ୍ରିନ୍ସିପାଲ୍, ଶିକ୍ଷକ ଓ ଅଭିଭାବକଙ୍କୁ ସାମିଲ କରାଯାଇଥିଲା। ଦିଲ୍ଲୀର ଏକ ଓପିନିୟନ୍ ପୋଲ୍ ସଂସ୍ଥା ସି–ଫୋର ଗ୍ରୁପ୍ ଏହି ସର୍ଭେ କରିଥିଲା। ଶିକ୍ଷକ କଲ୍ୟାଣ ଓ ବିକାଶ, ଏକାଡେମିକ୍ ପ୍ରତିଷ୍ଠା, ଶିକ୍ଷକ ଦକ୍ଷତା, ନେତୃତ୍ୱ, ଭିତ୍ତିଭୂମି, ଜୀବନ କୌଶଳ ସହ ପାଠ୍ୟକ୍ରମ ଓ କ୍ରୀଡ଼ା ଶିକ୍ଷା ପରି ୧୪ ପାରାମିଟରକୁ ବିଚାରକୁ ନେଇ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲକୁ ଶ୍ରେଷ୍ଠ ସ୍କୁଲ ଭାବେ ଚୟନ କରାଯାଇଥିଲା। ଏହି ମାନ୍ୟତା ତଥା ପୁରସ୍କାର ସାଇ ଇଣ୍ଟରନ୍ୟାଶନାଲ ଗ୍ରୁପ୍‌ର ସମସ୍ତ ଅଭିଭାବକ, ଛାତ୍ରୀଛାତ୍ର, ଅଧ୍ୟାପକଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି ପ୍ରତିଷ୍ଠାତା ତଥା ମେଣ୍ଟର ଡ. ବିଜୟ କୁମାର ସାହୁ ପ୍ରକାଶ କରିଛନ୍ତି।

# ସମୁଦ୍ରରେ ଓଲଟିଲା ସ୍ପିଡ୍ ବୋଟ୍, ୫ ପର୍ଯ୍ୟଟକ ଉଦ୍ଧାର

**ପୁରୀ ଅଫିସ, ୧୨।୧୧**

ପୁରୀ ସମୁଦ୍ରରେ ଗୁରୁବାର ଦୁର୍ଘଟଣା ଘଟିଛି। ଏକ ସ୍ପିଡ୍ ବୋଟ୍ ଓଲଟି ପଡ଼ିଥିବାବେଳେ ଏଥିରେ ଥିବା ୫ ପର୍ଯ୍ୟଟକ ଅଳ୍ପକେ ରକ୍ଷା ପାଇଯାଇଛନ୍ତି। ସୂଚନା ଅନୁଯାୟୀ, ସମୁଦ୍ରରେ ଜଳକ୍ରୀଡ଼ା ଲାଗି ଗୁରୁବାରଠାରୁ ସ୍ପିଡ୍ ବୋଟ୍ ସେବା ଆରମ୍ଭ ହୋଇଛି। ପ୍ରଥମ ଦିନରୁ ହିଁ ପର୍ଯ୍ୟଟକଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଛି। ବାଥିଂ ଜୋନରେ ସ୍ପିଡ୍ ବୋଟ ଚଲାଇବା ପାଇଁ ଜଣେ ବ୍ୟକ୍ତି ଅନୁମତି ପାଇଛନ୍ତି। ପୁରୀ ବୁଲିବାକୁ ଆସିଥିବା ପଶ୍ଚିମବଙ୍ଗର ଗୋଟିଏ ପରିବାରର ପିୟାସୀ ମୁଖାର୍ଜୀ, ରିୟାନ୍‌ସିକା ଓ ସୋମରୂପ ମୁଖାର୍ଜୀ ଏବଂ ଝାଡ଼ଖଣ୍ଡର ଟି. ଶିବରାଜୁ ଓ ଟି. ରେଖାରାଣୀ ଏକ ସ୍ପିଡ୍ ବୋଟରେ ସମୁଦ୍ର ଭିତରକୁ ଯାଇଥିଲେ। ସମୁଦ୍ର ଭିତରେ ଜଳକ୍ରୀଡ଼ାର ମଜା ନେଉଥିଲେ। ପୁରୀ ହୋଟେଲ ସମ୍ମୁଖ ସମୁଦ୍ରରେ ହଠାତ୍ ଭାରସାମ୍ୟ ହରାଇ ଏହି ସ୍ପିଡ୍ ବୋଟ ଓଲଟି ପଡ଼ିଥିଲା। ସେଠାରେ ମୁତୟନ ଥିବା ଲାଇଫ୍‌ଗାର୍ଡ ଏବଂ ଅଗ୍ନିଶମ କର୍ମଚାରୀ ସେମାନଙ୍କୁ ତୁରନ୍ତ ଉଦ୍ଧାର କରିଥିଲେ। ଏମାନଙ୍କ ମଧ୍ୟରେ ୫ବର୍ଷର ଶିଶୁ ରିୟାନ୍‌ସିକା ରହିଥିଲେ। ସୌଭାଗ୍ୟବଶତଃ ଲାଇଫ୍ ଜ୍ୟାକେଟ୍ ପିନ୍ଧିଥିବାରୁ ସମସ୍ତେ ରକ୍ଷା ପାଇଯାଇଥିଲେ। ତେବେ ଏହି ବୋଟ୍ ସେବା ନେଇ ନାନା ପ୍ରଶ୍ନ ଉଠିଛି। ଅନେକ ସମୟରେ ବିଭିନ୍ନ ସ୍ଥାନରେ ପୁରୁଣା ବୋଟ୍‌କୁ ଆଣି ବିନା ଅନୁମତି ଓ ନବୀକରଣରେ ମଧ୍ୟ ଚଲାଯାଉଛି। ଛୋଟ ପିଲାଙ୍କୁ ନେବା ଉପରେ କଟକଣା ଥିଲେ ମଧ୍ୟ ଏହାକୁ ଅନେକେ ମାନୁନାହାନ୍ତି।

# ସାଇକେଲରେ ବୁଲି ସ୍ଥିତି ପରଖିଲେ ଜିଲାପାଳ

**ପୁରୀ ଅଫିସ,୧୨।୧୧**

## ମୋ ଧାମ ମୋ ଗର୍ବ ଅଭିଯାନ



ସ୍ୱଚ୍ଛତା କ୍ଷେତ୍ରରେ ପୁରୀ ହେବ ଦେଶର ଏକ ନମ୍ବର ସହର। ୨୦୨୧ ସ୍ୱଚ୍ଛ ସର୍ବେକ୍ଷଣରେ ପୁରୀକୁ କିପରି ଏହି ମାନ୍ୟତା ମିଳିବ ସେଥିଲାଗି ଜିଲା ପ୍ରଶାସନ ପକ୍ଷରୁ ପ୍ରୟାସ ଚାଲିଛି। ଏଥିଲାଗି ମୋ ଧାମ, ମୋ ଗର୍ବ ଅଭିଯାନ ଆରମ୍ଭ କରାଯାଇଥିଲା। ସପ୍ତାହବ୍ୟାପୀ ଏହି ଅଭିଯାନ ବେଳେ ସହରବାସୀଙ୍କ ମଧ୍ୟରେ ସ୍ୱଚ୍ଛତାର ବାର୍ତ୍ତା ଦେବା ଲାଗି ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ଏହି ପବିତ୍ର ମାଟିରେ ଅଳିଆ ପଡ଼ିବାକୁ ଦେବା ନାହିଁ ବୋଲି ସହରବାସୀ ଶପଥ ନେଇଛନ୍ତି। ତେଣୁ ଲୋକଙ୍କ ମଧ୍ୟରେ ଏହି ଅଭ୍ୟାସ ଏବଂ ସ୍ୱଚ୍ଛତା ପ୍ରତି ରହିଥିବା ପ୍ରତିବଦ୍ଧତାକୁ ଜିଲାପାଳ ବଲୱନ୍ତ ସିଂ ପରଖିଛନ୍ତି। ଗତ ଦୁଇଦିନ ହେଲା ଜିଲାପାଳ ସକାଳୁ ସାଇକେଲ ଧରି ସହରର ବିଭିନ୍ନ ଗଳିକନ୍ଦି ଏବଂ ମଠ ବୁଲୁଛନ୍ତି। ଯଦି କେଉଁଠି ଆବର୍ଜନା ଗଦା ହୋଇଥିବା ଦେଖୁଛନ୍ତି ତୁରନ୍ତ ତାହାକୁ ଉଠାଇବା ବ୍ୟବସ୍ଥା କରିବା ସହ ଲୋକଙ୍କୁ ସଚେତନ କରୁଛନ୍ତି। ଗୁରୁବାର ଜିଲାପାଳ ବଡ଼ ଓଡ଼ିଆ ମଠ, ରାଧାକାନ୍ତ ମଠ ଓ ଜିୟର ସ୍ୱାମୀ ମଠକୁ ଯାଇଥିଲେ। ମଠ ପରିସର ବୁଲିବା ସହ ପ୍ରତ୍ୟହ ଆବର୍ଜନାକୁ ପୃଥକୀକରଣ କରି ସ୍ୱଚ୍ଛ ସବାରିରେ ଦିଆଯାଉଛି କି ନାହିଁ ପଚାରିଥିଲେ। ଅତିବଡ଼ି ଜଗନ୍ନାଥ ଦାସଙ୍କ ସାଧନା ପୀଠ ବଡ଼ ଓଡ଼ିଆ ମଠର ସୁରକ୍ଷା ବିଷୟରେ ଅନୁଧ୍ୟାନ କରିଥିଲେ। ଶ୍ରୀମନ୍ଦିର ଚୌହଦୀରେ ଉଚ୍ଛେଦ କାର୍ଯ୍ୟ ଯୋଗୁ ଜମା ହୋଇଥିବା କଠିନ ଆବର୍ଜନା ସ୍ଥାନାନ୍ତର ଲାଗି ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ଅଞ୍ଚଳରୁ ମହାପ୍ରସାଦର ବଳକା ଅଂଶ, ଲାଗି ଫୁଲ, ତୁଳସୀ ଆଦିକୁ ସସମ୍ମାନ ସ୍ଥାନାନ୍ତର ପାଇଁ ନିୟୋଜିତ କୈବଲ୍ୟ ରଥ ଠିକ୍ ଭାବେ କାମ କରୁଛି ନା ନାହିଁ ତାହାର ଅନୁଧ୍ୟାନ କରିଥିଲେ। ଜିଲାପାଳଙ୍କ ସହ ପୌରସଂସ୍ଥା ନିର୍ବାହୀ ଅଧିକାରୀ ବିଜୟ କୁମାର ଦାଶ, ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା, ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ ପ୍ରମୁଖ ସାମିଲ ଥିଲେ।



